# NATIONAL NEWS BULLETIN (ODIA)

**20 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିହାର ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ

- ଲୋକସଭାରେ ଆଜି ଅନ୍‌ଲାଇନ୍ ଗେମିଂ ପ୍ରୋତ୍ସାହନ ଓ ନିୟନ୍ତ୍ରଣ ବିଲ୍ ଆଗତ କଲେ ସୂଚନା ଓ ପ୍ରସାରଣ ମନ୍ତ୍ରୀ

- ଉପରାଷ୍ଟ୍ରପତି ପଦ ପାଇଁ ନାମାଙ୍କନ ଦାଖଲ କଲେ ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ

- ସାପ୍ତାହିକ ଜନଶୁଣାଣି ବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆକ୍ରମଣ ଅଭିଯୋଗ

ଏବଂ

- ଡୁରାଣ୍ଡ କପ୍ ଫୁଟ୍‌ବଲ୍ ଦ୍ୱିତୀୟ ସେମିଫାଇନାଲ୍‌ରେ ଆଜି ଇଷ୍ଟବେଙ୍ଗଲ୍ ଡାଇମଣ୍ଡ ହାର୍ବର ମଧ୍ୟରେ ହେବ ମୁକାବିଲା

## ପାର୍ଲାମେଣ୍ଟ ଆଡ୍‌ଜର୍ଣ୍ଣ

ବିହାର ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ଏବଂ ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀ ଦଳ ଗୁଡ଼ିକର ହଟ୍ଟଗୋଳ ଯୋଗୁଁ ଉଭୟ ସଦନକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ପୂର୍ବାହ୍ନ ୧୧ଟାରେ

ଲୋକସଭା ଅଧିବେଶନ ଆରମ୍ଭ ହେବା ପରେ ବିଭିନ୍ନ ପ୍ରସଙ୍ଗକୁ ଆଧାର କରି ବିରୋଧୀଦଳଗୁଡ଼ିକ ପକ୍ଷରୁ ଗୃହରେ ହଟ୍ଟଗୋଳ କରାଯାଇଥିଲା । ବାଚସ୍ପତି ଓମ୍ ବିର୍ଲା ବିରୋଧୀ ସଦସ୍ୟଙ୍କ ଆଚରଣ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଗୃହର କାର୍ଯ୍ୟଧାରା ବାଧାପ୍ରାପ୍ତ କରାଯିବା ଉଚିତ ନୁହେଁ ବୋଲି ଶ୍ରୀ ବିର୍ଲା କହିବା ସହ ବିରୋଧୀ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ ।

ତେବେ ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ପ୍ରଥମେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀଙ୍କ ହଟ୍ଟଗୋଳ ପୂର୍ବପରି ଜାରି ରହିଥିଲା । ତେବେ ହଟ୍ଟଗୋଳ ପରିସ୍ଥିତି ମଧ୍ୟରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅନ୍‌ଲାଇନ୍ ଗେମିଂକୁ ପ୍ରୋତ୍ସାହନ ଓ ନିୟନ୍ତ୍ରଣ ବିଲ୍ ୨୦୨୫ ଗୃହରେ ଆଗତ କରିଥିଲେ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଗୃହକାର୍ଯ୍ୟରେ ବାଧା ଉପୁଜାଉଥିବାରୁ ବିରୋଧୀ ସଦସ୍ୟଙ୍କ ଆଚରଣକୁ ନିନ୍ଦା କରିଥିଲେ । ତେବେ ହଟ୍ଟଗୋଳ ପରିସ୍ଥିତି ଜାରି ରହିବାରୁ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

ରାଜ୍ୟସଭାରେ ମଧ୍ୟ ଆଜି ଅନୁରୂପ ପରିସ୍ଥିତି ଦେଖିବାକୁ ମିଳିଥିଲା । ବିଭିନ୍ନ ପ୍ରସଙ୍ଗ ନେଇ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଆଗତ ୧୮ଟି ମୁଲତବୀ ନୋଟିସ୍‌କୁ ରୁଲିଂ ମାଧ୍ୟମରେ ଉପାଧ୍ୟକ୍ଷ ହରିବଂଶ ପ୍ରତ୍ୟାଖ୍ୟାନ କରିଥିଲେ । ବିରୋଧୀ ସଦସ୍ୟଙ୍କ ସ୍ଲୋଗାନ ଯୋଗୁଁ ରାଜ୍ୟସଭାରେ ଶୂନ୍ୟକାଳ ସମ୍ଭବ ହୋଇପାରି ନଥିଲା । ହଟ୍ଟଗୋଳ ପରିସ୍ଥିତି ଜାରି ରହିବାରୁ ଗୃହକୁ ପ୍ରଥମେ ମଧ୍ୟାହ୍ନ ୧୨ ଟା ଏବଂ ପରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

## ଏଲ୍ଏସ୍- ଅନ୍ଲାଇନ୍ ଗେମିଂ ବିଲ୍

ଲୋକସଭାରେ ଆଜି ଅନ୍ଲାଇନ୍ ଗେମିଂ ପ୍ରୋତ୍ସାହନ ଏବଂ ନିୟନ୍ତ୍ରଣ ବିଲ୍ ୨୦୨୫ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଗତ କରିଛନ୍ତି । ଇ-କ୍ରୀଡ଼ା ଏବଂ ଅନ୍ଲାଇନ୍ ସାମାଜିକ ଖେଳକୁ ଏହି ବିଲ୍ ପ୍ରୋତ୍ସାହନ ପ୍ରଦାନ କରୁଥିବା ବେଳେ ବେଆଇନ ଆର୍ଥିକ କାରବାର, ବିଜ୍ଞାପନ ଆଦିରୁ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବ । ଏ କ୍ଷେତ୍ରରେ ରଣନୈତିକ ବିକାଶ, ନିୟାମକ ତଦାରଖ ପାଇଁ ଏକ ଅନ୍ଲାଇନ୍ ଗେମିଂ କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରାଯିବାର ବ୍ୟବସ୍ଥା ରହିଛି । ବ୍ୟକ୍ତିବିଶେଷ, ବିଶେଷକରି ଯୁବପିଢ଼ିଙ୍କୁ ଏହି ଖେଳର ସାମାଜିକ, ଆର୍ଥିକ , ମାନସିକ ଏବଂ ଗୋପନୀୟତା ପ୍ରତିକୂଳ ପ୍ରଭାବରୁ ସୁରକ୍ଷା ପ୍ରଦାନ କରିବା ଏହି ବିଲ୍ର ମୁଖ୍ୟ ଉଦ୍ଦେଶ୍ୟ । ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ସମନ୍ୱିତ ଜାତୀୟ ସ୍ତରୀୟ ଆଇନଗତ ଢାଞ୍ଚା ପ୍ରତିଷ୍ଠା ପାଇଁ ଏହି ବିଲ୍ରେ ବ୍ୟବସ୍ଥା ରହିଛି । ଅନ୍ଲାଇନ୍ ଗେମିଂରେ ବେଆଇନ ଆର୍ଥିକ କାରବାର ତଥା ଆଇନ ଉଲ୍ଲଂଘନ କ୍ଷେତ୍ରରେ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ଦଣ୍ଡ ଏବଂ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି ।

---

## ରାଧାକ୍ରିଷ୍ଣନ- ନୋମିନେସନ୍

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍.ଡି.ଏ.ର ଉପରାଷ୍ଟ୍ରପତି ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ୍ ଆଜି ତାଙ୍କର ମନୋନୟନପତ୍ର ଦାଖଲ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ରାଜନାଥ ସିଂହ, ଜେପି ନଡ୍ଡା, କିରନ ରିଜିଜୁ ଏବଂ ଏଲ୍ଜେପି (ଆର୍)ର ଚିରାଗ ପାଶ୍ୱାନ, ଜେଡିୟୁର ରାଜୀବ ରଂଜନ ସିଂ, ଏନ୍ସିପିର ପ୍ରଫୁଲ୍ଲ ପଟେଲଙ୍କ ସମେତ ଏନଡିଏ ସହଯୋଗୀ ଦଳର ନେତାମାନେ

ଉପସ୍ଥିତ ଥିଲେ । ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିବା ପୂର୍ବରୁ ସି.ପି. ରାଧାକ୍ରିଷ୍ଣନ ସଂସଦ ଭବନ ପରିସରରେ ଥିବା ପ୍ରେରଣାସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଯେଉଁଠାରେ ଭାରତର ପ୍ରଖ୍ୟାତ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତି ରହିଛି । ସେ ପ୍ରଥମେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଣାମ କରିଥିଲେ ଏବଂ ପରେ ଅନ୍ୟ ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶ୍ରୀ ରାଧାକ୍ରିଷ୍ଣନଙ୍କୁ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ କରିବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦଳମତ ନିର୍ବିଶେଷରେ ସମସ୍ତ ସଂସଦ ସଦସ୍ୟଙ୍କର ସହଯୋଗ କାମନା କରିଛନ୍ତି ବୋଲି  ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ କହିଛନ୍ତି: **V/O**

ଅନ୍ୟପକ୍ଷରେ ଇଣ୍ଡିମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀ ଆସନ୍ତାକାଲି ତାଙ୍କର ନାମାଙ୍କନପତ୍ର ଦାଖଲ କରିବେ । ୨୨ ତାରିଖ ନାମାଙ୍କନପତ୍ର ଯାଞ୍ଚ କରାଯିବା ସହ ୨୫ ତାରିଖକୁ ପ୍ରତ୍ୟାହାରର ଶେଷ ଦିବସ ଧାର୍ଯ୍ୟ କରାଯାଇଛି ।

ଆସନ୍ତା ମାସ ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ ।

---

# ରେଖାଗୁପ୍ତା-ଆଟାକ୍

ନୂଆଦିଲ୍ଲୀସ୍ଥିତ ସରକାରୀ ବାସଭବନରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଉପରେ ଆଜି  ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ପୂର୍ବାହ୍ନରେ ସାପ୍ତାହିକ ଜନଶୁଣାଣି ଶିବିରରେ ଯୋଗ ଦେଇଥିବା ବେଳେ

ମୁଖ୍ୟମନ୍ତ୍ରୀଙ୍କ ଉପରେ ଆକ୍ରମଣ ହୋଇଥିବା କୁହାଯାଇଛି । ଏହି ଘଟଣାରେ ଦିଲ୍ଲୀ ପୋଲିସ୍ ଜଣକୁ ଅଟକ ରଖିଛି। ଦିଲ୍ଲୀ ବିଜେପି ସଭାପତି ବୀରେନ୍ଦ୍ର ସଚଦେବା ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ଘଟଣାସ୍ଥଳରେ ଉପସ୍ଥିତ ଲୋକମାନେ ଅଭିଯୁକ୍ତକୁ ଧରିଥିଲେ । ପୋଲିସ୍ ଘଟଣାର ତଦନ୍ତ କରୁଛି ବୋଲି ସେ କହିଛନ୍ତି । ବିଜେପି ଏହି ଆକ୍ରମଣକୁ ତୀବ୍ର ନିନ୍ଦା କରିଛି।

**V/O (Sachdeva)**

ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି ।

ଦିଲ୍ଲୀ କ୍ୟାବିନେଟ୍ ମନ୍ତ୍ରୀ ପରବେଶ ସାହିବ ସିଂ ମଧ୍ୟ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ଏହା ଅତ୍ୟନ୍ତ ନିନ୍ଦନୀୟ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ସିଧାସଳଖ ଆକ୍ରମଣ ।

ଆପ୍ ନେତା ତଥା ଦିଲ୍ଲୀ ବିଧାନସଭାର ବିରୋଧୀଦଳ ନେତା ଆତିଶୀ ମଧ୍ୟ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି ଗଣତନ୍ତ୍ରରେ ମତଭେଦ ଏବଂ ପ୍ରତିବାଦର ସ୍ଥାନ ରହିଥିଲେ ମଧ୍ୟ ହିଂସାର କୌଣସି ସ୍ଥାନ ନାହିଁ ବୋଲି ସେ କହିଛନ୍ତି ।

---

# ଛତିଶଗଡ଼ କ୍ୟାବିନେଟ୍

ଛତିଶଗଡ଼ରେ ଆଜି ରାଜ୍ୟ ମନ୍ତ୍ରିମଣ୍ଡଳର ସଂପ୍ରସାରଣ କରାଯାଇଛି। ରାଜ୍ୟପାଳ ରାମେନ ଡେକା ରାଜଭବନରେ ଗଜେନ୍ଦ୍ର ଯାଦବ, ରାଜେଶ

ଅଗ୍ରୱାଲ ଏବଂ ଗୁରୁ ଖୁସୱନ୍ତ ସାହେବଙ୍କୁ ମନ୍ତ୍ରୀ ଭାବରେ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ, ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ ଏବଂ ବିଜୟ ଶର୍ମା, ବିଧାନସଭାର ବାଚସ୍ପତି ଡକ୍ଟର ରମଣ ସିଂ ଏବଂ ମନ୍ତ୍ରିପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ମହାରାଷ୍ଟ୍ର-ରେନ୍

ମହାରାଷ୍ଟ୍ର ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଅନୁଯାୟୀ, ରାଜ୍ୟରେ ଗତକାଲି ପ୍ରବଳ ବର୍ଷା ଏବଂ ବନ୍ୟା ଜନିତ ପରିସ୍ଥିତି ଯୋଗୁଁ ୧୦ଜଣଙ୍କର ମୃତ୍ୟୁ ହୋଇଛି । ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଆଜି ସକାଳେ ମୁମ୍ବାଇରେ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷରେ ପରିସ୍ଥିତିର ସମୀକ୍ଷା କରିଛନ୍ତି । ଏ ସଂପର୍କରେ ଆମ ସମ୍ବାଦଦାତାଙ୍କ ରିପୋର୍ଟ:

**V/O**

## ଆଇଟି-୨.୦

ଇଣ୍ଡିଆ ପୋଷ୍ଟ  ଦେଶବ୍ୟାପୀ ଆଇ.ଟି. ଟୁ ପଏଣ୍ଟ୍ ଜିରୋ ଆଡଭାନ୍ସଡ ପୋଷ୍ଟାଲ୍ ଟେକ୍ନୋଲୋଜି-ଏପିଟି ଆଜି  ପ୍ରଚଳନ କରିବା ସହିତ ଡିଜିଟାଲ ପରିବର୍ତ୍ତନର ଏକ ନୂତନ ଯୁଗରେ ପ୍ରବେଶ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଏବଂ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ମାର୍ଗଦର୍ଶନରେ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

ପୋଷ୍ଟାଲ୍ ଟେକ୍ନୋଲୋଜିର ଉତ୍କର୍ଷତା କେନ୍ଦ୍ର ଦ୍ୱାରା ସ୍ୱଦେଶୀ ଭାବରେ ବିକଶିତ ଏହି ସିଷ୍ଟମ୍ ସରକାରଙ୍କ ମେଘରାଜ ଟୁ-ପଏଣ୍ଟ ଜିରୋ କ୍ଲାଉଡ୍‌ରେ ଚାଲିଥାଏ ଏବଂ ବିଏସ୍‌ଏନ୍‌ଏଲ୍‌ର ଦେଶବ୍ୟାପୀ ସଂଯୋଗ ଦ୍ୱାରା ଏହା ସମର୍ଥିତ । ନୂତନ ବ୍ୟବସ୍ଥା ସହ ଅନେକ ପରବର୍ତ୍ତୀ ପିଢ଼ିକୁ ଏହା ବୈଶିଷ୍ଟ୍ୟ ପ୍ରଦାନ କରୁଛି, ଯେଉଁଥିରେ ଏକୀକୃତ ଏଣ୍ଟରଫେସ୍, କ୍ୟୁଆର କୋଡ୍- ଆଧାରିତ ଦେୟ, ଓଟିପି-ଆଧାରିତ ବିତରଣ ଏବଂ ସଠିକ୍ ତଥ୍ୟ ପ୍ରଦାନ କରିବା ପାଇଁ ଦଶ ଅଙ୍କ ବିଶିଷ୍ଟ ଆଲ୍‌ଫା ନ୍ୟୁମେରିକ୍ ଡିଜିପିନ୍‌କୁ ଅନ୍ତର୍ଭୁକ୍ତ କରାଯାଇଛି ।

## ଡୁରାଣ୍ଡ କପ୍

ଇଷ୍ଟ୍‌ବେଙ୍ଗଲ ଏବଂ ଡାଇମଣ୍ଡ ହାର୍ବର ଏଫ୍‌ସି ମଧ୍ୟରେ ଆଜି ଡୁରାଣ୍ଡ କପ୍ ଫୁଟବଲ ଦ୍ୱିତୀୟ ସେମିଫାଇନାଲ୍ ମୁକାବିଲା ହେବ । ଡାଇମଣ୍ଡ ହାର୍ବର ଏଫ୍‌ସି ପ୍ରଥମଥର ପାଇଁ ଡୁରାଣ୍ଡ କପ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଚିତ୍ତାକର୍ଷକ ପ୍ରଦର୍ଶନ ମାଧ୍ୟମରେ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଅନ୍ୟପକ୍ଷରେ ଇଷ୍ଟବେଙ୍ଗଲ ଏହି ମ୍ୟାଚ୍ ବିଜୟୀ ହୋଇ ଟାଇଟଲ୍ ହାସଲ ଦିଗରେ ଆଉ ପାଦେ ଅଗ୍ରସର ହେବାକୁ ଆଶା ରଖିଛି । ଏହି ମ୍ୟାଚ୍‌ର ବିଜେତା ଫାଇନାଲ୍ ପର୍ଯ୍ୟାୟରେ ନର୍ଥ୍ ଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ଭେଟିବ ।